# NATIONAL NEWS BULLETIN (ODIA)

**21 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ ବୁଥ୍ ସ୍ତରୀୟ ଅଧିକାରୀମାନେ ମୂଳସ୍ତମ୍ଭ, କହିଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ

– ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଲା ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ-୨୦୨୬

- ସନ୍ତ୍ରାସବାଦ ବିରୁଦ୍ଧରେ ମୁକାବିଲା ନିମନ୍ତେ ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ବୈଦେଶିକ ବ୍ୟାପାରମନ୍ତ୍ରୀଙ୍କ ଗୁରୁତ୍ୱାରୋପ

- ନାସା ପାଇଁ ୨୭ ବର୍ଷର ପ୍ରଶଂସନୀୟ ସେବା ପ୍ରଦାନ କରି ଅବସର ନେଲେ ମହାକାଶଚାରୀ ସୁନିତା ୱିଲିୟମ୍‌ସ

ଏବଂ

- ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ନାଗପୁରରେ ଆଜି ସନ୍ଧ୍ୟାରେ ଖେଳାଯିବ ଟି-୨୦ସିରିଜ୍‌ର ପ୍ରଥମ ମ୍ୟାଚ୍ ।

---

## ଇସିଆଇ-କନ୍‌ଫରେନ୍ସ

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି, ଦେଶରେ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ ବୁଥ୍ ସ୍ତରୀୟ ଅଧିକାରୀମାନେ ହେଉଛନ୍ତି ମୂଳସ୍ତମ୍ଭ । ନୂଆଦିଲ୍ଲୀଠାରେ ଆଜି ଆନ୍ତର୍ଜାତିକ ଗଣତନ୍ତ୍ର ଓ

ନିର୍ବାଚନ ପରିଚାଳନା ସମ୍ମିଳନୀ-୨୦୨୬ରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଗଣତନ୍ତ୍ରକୁ ସୁଦୃଢ଼ କରିବା ଲାଗି ପ୍ରତ୍ୟେକ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ  କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ଭାରତ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ଦିଗରେ  ସର୍ବବୃହତ ବିଶ୍ୱ ସମ୍ମିଳନୀ । ଏଥିରେ ୭୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି ।  ସମ୍ମିଳନୀ ଅବସରରେ ନିର୍ବାଚନ ପରିଚାଳନା ସହିତ ଜଡ଼ିତ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

---

# ପ୍ରେଜ୍-ଷ୍ଟେଟ୍‌ହୁଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମେଘାଳୟ, ତ୍ରିପୁରା ଏବଂ ମଣିପୁରର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଏହି ରାଜ୍ୟଗୁଡ଼ିକର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପରମ୍ପରା ଏବଂ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଛି । ରାଜ୍ୟର ବହୁ ପ୍ରତିଭାମାନ ବ୍ୟକ୍ତିବିଶେଷଙ୍କର ରାଷ୍ଟ୍ରୀୟ ପ୍ରଗତିରେ ଉଲ୍ଲେଖନୀୟ ଅବଦାନ ରହିଥିବା ସେ କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହି ରାଜ୍ୟଗୁଡ଼ିକର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଦେଶକୁ ଅଧିକ ଋଦ୍ଧିମନ୍ତ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିପୁରାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ତ୍ରିପୁରାର ଜୟଯାତ୍ରା ଭାରତର ପରମ୍ପରା ଏବଂ ଆଧୁନିକୀକରଣକୁ ଅଧିକ ତ୍ୱରାନ୍ୱିତ କରିଛି । ଦେଶର ବିକାଶପଥରେ ତ୍ରିପୁରାବାସୀଙ୍କର ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେହିପରି ମଣିପୁରବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶପଥରେ ମଣିପୁରବାସୀଙ୍କର ଯୋଗଦାନ ରହିଛି । ରାଜ୍ୟବାସୀଙ୍କର କ୍ରୀଡ଼ା, ସଂସ୍କୃତି କ୍ଷେତ୍ରରେ ଅଧିକ ଆଗ୍ରହ ବୃଦ୍ଧି ପାଇଛି । ଆଗାମୀ ଦିନରେ ରାଜ୍ୟ ବିକାଶ ପଥରେ ଅଧିକ ଅଗ୍ରସର ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

# ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଭବନ ପରିସରରେ ଥିବା ଅମୃତ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଆସନ୍ତାମାସ ୩ ତାରିଖରୁ ମାର୍ଚ୍ଚମାସ ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଅମୃତ ଉଦ୍ୟାନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ । ଦର୍ଶକମାନେ ଅପରାହ୍ନ ୫ଟା ୧୫ ମିନିଟ୍ ସୁଦ୍ଧା ଉଦ୍ୟାନକୁ ପ୍ରବେଶ କରିପାରିବେ । ରକ୍ଷଣାବେକ୍ଷଣ ପାଇଁ ପ୍ରତ୍ୟେକ ସୋମବାର ଉଦ୍ୟାନ ବନ୍ଦ ରହିବ । ମାର୍ଚ୍ଚ ୪ ତାରିଖ ଦିନ ହୋଲି ପାଇଁ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ୟାନ ବନ୍ଦ ରହିବ । ଦର୍ଶକମାନଙ୍କ ପାଇଁ ଉଦ୍ୟନକୁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା କରାଯାଇଛି । ତେବେ ଦର୍ଶକମାନଙ୍କୁ

ଏଥିପାଇଁ ଅନ୍‌ଲାଇନ୍ ମାଧ୍ୟମରେ ବା ୩୫ ନମ୍ବର ପ୍ରବେଶଦ୍ୱାର ନିକଟରେ ଥିବା କାଉଣ୍ଟରରୁ ଟିକେଟ୍ ସଂଗ୍ରହ କରିବାକୁ ପଡ଼ିବ । ଉଦ୍ୟାନ ମଧ୍ୟକୁ ମୋବାଇଲ୍ ଫୋନ୍,ହାତବ୍ୟାଗ୍, ଶିଶୁମାନଙ୍କ ଖାଦ୍ୟ, ପାଣି ବୋତଲ ବ୍ୟତୀତ ଅନ୍ୟ କୌଣସି ଜିନିଷ ନେବା ଉପରେ କଟକଣା ଲଗାଯାଇଛି ।

## ଜୟଶଙ୍କର-ସ୍ୱାନିସ୍ ଏଫ୍‌ଏମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ବିଭିନ୍ନ ଆହ୍ୱାନ ବିଶେଷକରି ସନ୍ତ୍ରାସବାଦ ବିରୋଧରେ ମୁକାବିଲା ନିମନ୍ତେ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । ନୂଆଦିଲ୍ଲୀଠାରେ ଆଜି ସ୍ପେନ୍ ପ୍ରତିପକ୍ଷ ଯୋଶେ ମାନୁଏଲ୍ ଆଲ୍‌ବେୟାର୍ସ ବୁଏନୋଙ୍କ ସହ ଆଲୋଚନା ବେଳେ ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ଭାରତ ଓ ସ୍ପେନ୍ ସନ୍ତ୍ରାସବାଦର ଶିକାର ହେଉଛନ୍ତି । ସନ୍ତ୍ରାସବାଦ ବିରୋଧରେ ବିଶ୍ୱ ନିଶ୍ଚିତ ଭାବେ ଶୂନ୍ୟ ସହନଶୀଳ ନୀତି ଆପଣାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ଡକ୍ଟର ଜୟଶଙ୍କର କହିଛନ୍ତି, ଆସନ୍ତାମାସରେ ନୂଆଦିଲ୍ଲୀଠାରେ କୃତ୍ରିମ ବୁଦ୍ଧିମତ୍ତା-ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଭାରତ ଆୟୋଜନ କରିବ । କୃତ୍ରିମ ବୁଦ୍ଧିମତ୍ତାର ଆଭିମୁଖ୍ୟ ମାନବ କେନ୍ଦ୍ରିକ, ସମାବେଶୀ ଏବଂ ଦାୟିତ୍ୱପୂର୍ଣ୍ଣ ନୀତିଗତ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ, ଯାହାକି ୟୁରୋପର ଆଭିମୁଖ୍ୟ ସହ ସମାନ । ମନ୍ତ୍ରୀ କହିଛନ୍ତି, ଉଭୟ ଭାରତ ଓ ସ୍ପେନ୍ ୨୦୨୬କୁ ଦ୍ୱିବାର୍ଷିକ ସଂସ୍କୃତି, ପର୍ଯ୍ୟଟନ ଏବଂ କୃତ୍ରିମ ବୁଦ୍ଧିମତ୍ତାର

ମାନ୍ୟତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଦୁଇଦେଶ ମଧ୍ୟରେ ଶିଳ୍ପ ଏବଂ ସଂସ୍ଥାଭିତ୍ତିକ ମିଳିତ ସହଯୋଗକୁ ପ୍ରୋତ୍ସାହିତ କରିବ ।

ସେ କହିଛନ୍ତି, ଉଭୟ ରାଷ୍ଟ୍ର ଚଳିତବର୍ଷ କୂଟନୈତିକ ସଂପର୍କର ୭୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ୟୁରୋପୀୟ ସଂଘରେ ସ୍ପେନ୍ ହେଉଛି ଭାରତର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଂଶୀଦାର । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ନିକଟବର୍ଷରେ ୮ ଶହ କୋଟି ଆମେରିକୀୟ ଡଲାର ଅତିକ୍ରମ କରିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

---

# ନାସା-ସୁନିତା ୱିଲିୟମ୍ସ

ନାସାର ମହାକାଶଚାରୀ ସୁନିତା ୱିଲିୟମ୍ସଙ୍କର ୨୭ ବର୍ଷର ପ୍ରଶଂସନୀୟ ସେବା ପ୍ରଦାନ କରିବା ପରେ ଅବସର ଗ୍ରହଣ କରିଛନ୍ତି । ଗତମାସ ୨୭ ତାରିଖ ଦିନ ସେ ଅବସର ନେଇଥିବା ଆଜି ନାସା ପକ୍ଷରୁ ଘୋଷଣା କରାଯାଇଛି । ନାସା ପକ୍ଷରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି, ୱିଲିୟମ୍ସ ଆନ୍ତର୍ଜାତିକ ମହାକାଶ ସଂସ୍ଥା-ଆଇଏସ୍ଏସ୍ ମାଧ୍ୟମରେ ୩ଟି ମହାକାଶ ଅଭିଯାନରେ ୬୦୮ ଦିନ ପାଇଁ ସାମିଲ ହୋଇଥିଲେ । ନାସା ଅନୁଯାୟୀ ମହାକାଶରେ ସର୍ବାଧିକ ଦିନ ବିତେଇବାରେ ସେ ଦ୍ୱିତୀୟ ମହାକାଶଚାରୀ ହୋଇପାରିଛନ୍ତି । ସେ ମଧ୍ୟ ମହାକାଶରେ ମାରାଥନ ଦୌଡ଼ିବାରେ ପ୍ରଥମ ବ୍ୟକ୍ତି । ଭାରତୀୟ ବଂଶୋଦ୍ଭବ ୱିଲିୟମ୍ସ ୨୦୦୬ ମସିହାରେ ପ୍ରଥମେ ମହକାଶଯାନ 'ଡିସ୍କଭରୀ' ଓ ପରେ 'ଆଇଏସ୍ଏସ୍'ର କମାଣ୍ଡର ଭାବେ ୩୩ତମ ମହାକାଶ ଅଭିଯାନରେ ସାମିଲ ହୋଇଥିଲେ ।

୨୦୨୪-୨୫ ବର୍ଷରେ ଶେଷଥର ପାଇଁ ସେ ବୋଇଙ୍ଗ୍ ଷ୍ଟାର୍‌ଲାଇନର୍ ଓ ସ୍ପେସେକ୍ସ-କ୍ରିଉ ନାଇନ୍‌ରେ ନାସାର ୭୨ତମ ଅଭିଯାନରେ ସାମିଲ ହୋଇଥିଲେ । ତାଙ୍କ ପେଶାଦାର ଜୀବନକାଳରେ ସେ ନାସା ପାଇଁ ସ୍ଥଳ ଭାଗରେ ମଧ୍ୟ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ମହାକାଶଚାରୀଙ୍କୁ ପ୍ରଶିକ୍ଷଣ, ରୁଷିଆରେ ଅଭିଯାନ, ଚନ୍ଦ୍ର ଅଭିଯାନ ପାଇଁ ଭବିଷ୍ୟତ ମହାକାଶଚାରୀଙ୍କୁ ପ୍ରସ୍ତୁତ କରିବା ଆଦି କ୍ଷେତ୍ରରେ ସେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ଆମେରିକା ନୌସେନାର ଅବସରପ୍ରାପ୍ତ କ୍ୟାପ୍‌ଟେନ୍ ୱିଲିୟମ୍ସଙ୍କର ୪ ହଜାର ଘଣ୍ଟା ହେଲିକପ୍ଟର ଓ ଯୁଦ୍ଧ ବିମାନ ଚଳାଇବାର ଅଭିଜ୍ଞତା ରହିଛି । ତାଙ୍କର କାର୍ଯ୍ୟ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ ବୋଲି ନାସା ପକ୍ଷରୁ କୁହାଯାଇଛି ।

## ବିଜେପି ମିଟିଂ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ଜାତୀୟ କର୍ମକର୍ତ୍ତାମାନଙ୍କର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସଂଗଠନକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ରାଜନୈତିକ ରଣନୀତି ସଂପର୍କରେ ଆଲୋଚନା ହୋଇଛି । ଗତକାଲି ନୀତିନ ନବୀନ ବିଜେପିର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଛତିଶଗଡ଼-ନକ୍ସଲ

କେନ୍ଦ୍ର ସରକାର ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀ ସମସ୍ୟାମୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି କ୍ରମରେ ଛତିଶଗଡ଼ରେ ଗତ ୨ ବର୍ଷ ମଧ୍ୟରେ ୨ ହଜାରରୁ ଅଧିକ ମାଓବାଦୀ

ଆତ୍ମସମର୍ପଣ କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ।

ଛତିଶଗଡ଼ର ଗରିଆବନ୍ଦ ଜିଲ୍ଲାରେ ଗତ ସୋମବାର ଦିନ ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଥିବା ମହିଳା ମାଓବାଦୀ ଅଞ୍ଜୁ ଅନ୍ୟ ମାଓବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ସହ ପ୍ରଶାସନ ନିକଟରେ ଆତ୍ମସମର୍ପଣ କରିବାକୁ ନିବେଦନ କରିଛନ୍ତି । ଗରିଆବନ୍ଦର ଆରକ୍ଷୀ ଅଧିକ୍ଷକ ମାଓବାଦୀମାନଙ୍କୁ ସମାଜରେ ମୁଖ୍ୟସ୍ରୋତରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଥଇଥାନ ନୀତିର ସୁବିଧା ନେବା ପାଇଁ ଆହ୍ୱାନ କରିଛନ୍ତି ।

---

# ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା କୋଇଲା ମନ୍ତ୍ରଣାଳୟର କେତେକ ପ୍ରକଳ୍ପ ସମ୍ପର୍କରେ ।

କୋଇଲା ଖଣି ପ୍ରକଳ୍ପ ଏବଂ ଏହା ସହିତ ସଂଶ୍ଳିଷ୍ଟ ଭିତ୍ତିଭୂମି ପଦକ୍ଷେପ ଏ କ୍ଷେତ୍ରକୁ ଅଧିକ ସହଜ କରିଥାଏ । ଜାତୀୟ ଶକ୍ତି ଆବଶ୍ୟକତାକୁ ସହଯୋଗ ପ୍ରଦାନ କରିବା ସହ ବିଦ୍ୟୁତ୍ ଉତ୍ପାଦନ ଏବଂ ରେଳବାଇ ଭଳି ପ୍ରମୁଖ ବ୍ୟବହାର କ୍ଷେତ୍ର ପାଇଁ କୋଇଲା ଉପଲବ୍ଧତାକୁ ସୁନିଶ୍ଚିତ କରିଥାଏ । ପ୍ରଗତୀ ବ୍ୟବସ୍ଥା ଅଧୀନରେ ୩ଲକ୍ଷ କୋଟିରୁ ଅଧିକ ନିବେଶଯୁକ୍ତ ୧୩୪ଟି ପ୍ରକଳ୍ପ ଏବେ ତଦାରଖ କରାଯାଉଛି । ସେଥିମଧ୍ୟରୁ ୧ ଲକ୍ଷ ୧୯ ହଜାର କୋଟିରୁ ଅଧିକ ମୂଲ୍ୟର ୧୬ଟି ପ୍ରମୁଖ ପ୍ରକଳ୍ପକୁ ଏହି ବ୍ୟବସ୍ଥା ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମୀକ୍ଷା କରିଛନ୍ତି ।

ସେଥିରୁ ୫ଟି ପ୍ରକଳ୍ପ ଇତିମଧ୍ୟରେ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ୧୧ଟିର କାର୍ଯ୍ୟ ଜାରି ରହିଛି । କୋଇଲା ମନ୍ତ୍ରଣାଳୟ ଅଧୀନରେ ୯୨ଟି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ମୋଟ୍ ୪୯୧ଟି ଆହ୍ୱାନ ସୃଷ୍ଟି ହୋଇଥିଲା । ସେଥିମଧ୍ୟରୁ ୪୬୫ଟିର ସମାଧାନ ହୋଇସାରିଥିବା ବେଳେ ପ୍ରଗତୀ ସମୀକ୍ଷା ମାଧ୍ୟମରେ ଅନ୍ୟ ୧୨୦ଟି ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଛି । ପ୍ରଗତୀ ବ୍ୟବସ୍ଥା ମାଧ୍ୟମରେ ଜାରି ନିର୍ଦ୍ଦେଶଗୁଡ଼ିକ ଆନ୍ତଃ ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସମନ୍ୱୟକୁ ଉନ୍ନତ କରିବା ସହ ଉତ୍ତରଦାୟିତ୍ୱକୁ ଅଧିକ ସୁଦୃଢ଼ କରିଛି । ସମୟାନୁବର୍ତ୍ତୀ ସମାଧାନକୁ ସହଜ କରିବା ସହିତ ଏ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିଛି ।

## କ୍ରିକେଟ୍-ଇଣ୍ଡିଆ-ନ୍ୟୁଜିଲାଣ୍ଡ

ଭାରତ-ନ୍ୟୁଜିଲାଣ୍ଡ ପୁରୁଷ ବର୍ଗ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ନାଗପୁରର ବିଦର୍ଭ କ୍ରିକେଟ୍ ଆସୋସିଏସନ୍

ଷ୍ଟାଡିୟମ୍‌ଠାରେ ଆଜି ସନ୍ଧ୍ୟା ୭ଟାରେ ପ୍ରଥମ ମ୍ୟାଚ୍ ଖେଳାଯିବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ଟି-ଟ୍ୱେଣ୍ଟି ସିରିଜ୍ ଖେଳୁଛି । ଗଣମାଧ୍ୟମକୁ ସୂଚନା ଦେଇ ଅଧିନାୟକ ସୂର୍ଯ୍ୟ କୁମାର କହିଛନ୍ତି, ତୃତୀୟ ସ୍ଥାନରେ ଦଳ ପକ୍ଷରୁ ଇଶାନ୍ କିଶାନ୍ ଖେଳିବେ । ରାୟପୁରଠାରେ ଆସନ୍ତା ଶୁକ୍ରବାର ଦିନ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ।

..........................................................................